# ପ୍ରେସ ଇସ୍ତାହାର : ଅତିରିକ୍ତ ବଜେଟ 2021-22

ମାନ୍ୟବର ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ନିରଞ୍ଜନ ପୂଜାରୀ ଆଜି 01 ଡିସେମ୍ବର, 2021 ରେ ବିଧାନସଭାରେ 2021-22 ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି । ଏଥିପାଇଁ ମୋଟ 19,833 କୋଟି ଟଙ୍କାର ବ୍ୟୟବରାଦ ବିଧାନ ସଭାର ଅନୁମୋଦନ ପାଇଁ ଉପସ୍ଥାପନ  କରାଯାଇଛି ।

**ଅତିରିକ୍ତ ବଜେଟ୍, 2021-22 ପାଇଁ ବ୍ୟୟ ବରାଦ**

(କୋଟି ଟଙ୍କା ହିସାବରେ)

| କ୍ଷେତ୍ର | ମୋଟ |
|---|---:|
| ପ୍ରଶାସନିକ ବ୍ୟୟ | 4,577 |
| କାର୍ଯ୍ୟକ୍ରମ ବ୍ୟୟ | 13,568 |
| ବିପର୍ଯ୍ୟୟ ପ୍ରଶମନ ପାଣ୍ଠି | 1,682 |
| ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତର | 6 |
| **ମୋଟ** | **19,833** |

## 2. ଅତିରିକ୍ତ ବଜେଟ୍ ର ଆବଶ୍ୟକତା

ଏକ ଜନମଙ୍ଗଳ ରାଷ୍ଟ୍ରରେ ସମ୍ବଳର ଉପଲବ୍ଧତା ଏବଂ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ଆଖି ଆଗରେ ରଖି ଉପଲବ୍ଧ ସମ୍ବଳର ପୁନଃବିନିଯୋଗ ତଥା ବିଭିନ୍ନ ସୂତ୍ରରୁ ସହବନ୍ଧିତ ସମ୍ବଳର ପ୍ରାପ୍ତି ମାଧ୍ୟମରେ ଅତିରିକ୍ତ ବଜେଟ୍ ପାଇଁ ବ୍ୟୟବରାଦ କରାଯାଇଛି । ନିମ୍ନଲିଖିତ ପରିପ୍ରେକ୍ଷୀରେ ଅତିରିକ୍ତ ବ୍ୟୟବରାଦ ଆବଶ୍ୟକ ହୋଇଅଛି ।

(i) ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ସମ୍ପୂର୍ଣ କରିବା ନିମନ୍ତେ ଅତିରିକ୍ତ ପାଣ୍ଠି ର ଆବଶ୍ୟକତା ।

(ii) ବଜେଟ୍ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଘୋଷଣା, ଯଥା COVID ଆକ୍ରାନ୍ତଙ୍କ ପାଇଁ ନୂତନ ଯୋଜନା ଓ  ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଆର୍ଥିକ ସହାୟତା ।

(iii) କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା (CSS) ଅଧୀନରେ ପାଣ୍ଠି ରିଲିଜ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିବର୍ତ୍ତିତ ପ୍ରକ୍ରିୟାକୁ ବଜେଟ ବ୍ୟବସ୍ଥାପନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ।

(iv) ପ୍ରଚଳିତ ରହିଥିବା କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଓ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ନୂତନ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ନିମନ୍ତେ ଅତିରିକ୍ତ ବ୍ୟୟବରାଦ ।

(v) ଓଡିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମ ଅର୍ଥର ଭରଣା ।

(vi) ବିଭିନ୍ନ ଦାବି ଅନ୍ତର୍ଗତ ହିସାବ ବ୍ୟବସ୍ଥାପନା ନିମନ୍ତେ (Accounting adjustment under different Demands) ।

## 3. ଅତିରିକ୍ତ ବଜେଟ୍ ପାଇଁ ଅର୍ଥ ବ୍ୟବସ୍ଥା

କାର୍ଯ୍ୟକ୍ରମ ବ୍ୟୟ ନିମନ୍ତେ, ଅତିରିକ୍ତ ବଜେଟ୍‌ରେ ବ୍ୟୟ ବରାଦ ହୋଇଥିବା 13,568 କୋଟି ଟଙ୍କା ମଧ୍ୟରୁ 6,137 କୋଟି ଟଙ୍କା ସହବନ୍ଧିତ (Tied-up) ସମ୍ବଳ ସୂତ୍ରରୁ ଓ 7,431 କୋଟି ଟଙ୍କା ଅତିରିକ୍ତ ନିଜସ୍ୱ ରାଜସ୍ୱ ଦ୍ୱାରା ହାସଲ କରାଯିବ ।

## 4. ପ୍ରଶାସନିକ ବ୍ୟୟ ପାଇଁ ଅର୍ଥ ବ୍ୟବସ୍ଥା

ପ୍ରଶାସନିକ ବ୍ୟୟ କ୍ଷେତ୍ରରେ ମୋଟ 4577 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ରଣ ଭରଣା ପାଇଁ ଉଦ୍ଦିଷ୍ଟ Consolidated Sinking Fundକୁ ସ୍ଥାନାନ୍ତରଣ ପାଇଁ 2000 କୋଟି ଟଙ୍କା ବ୍ୟୟବରାଦ  କରା ଯାଇଛି ।
- ରାସ୍ତା ଓ ସେତୁ ମରାମତି ଏବଂ ରକ୍ଷଣାବେକ୍ଷଣ ନିମନ୍ତେ 241.35 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟ ଗୁଡିକୁ ଅନୁଦାନ ବାବଦରେ 132.30 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଭେଷଜ ମହାବିଦ୍ୟାଳୟ , ପୁରୀ  ନିମନ୍ତେ 20.03 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଅତିଥି ଶିକ୍ଷକଙ୍କ ପରିଶ୍ରମିକ ପାଇଁ 15.57 କୋଟି ଟଙ୍କା ଓ ଆଶ୍ରମ ବିଦ୍ୟାଳୟ ନିମନ୍ତେ 5.25 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ସ୍ୱତନ୍ତ୍ର ଶିକ୍ଷା ଭିତ୍ତିଭୂମି ନିମନ୍ତେ 12.28 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- OSSC ଦ୍ୱାରା ବିଭିନ୍ନ ପରୀକ୍ଷା ସମ୍ପାଦନ ନିମନ୍ତେ 5 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଜିଲ୍ଲା ପରିଷଦ ନିର୍ବାଚନ ନିମନ୍ତେ 8.40 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## 5. ବିପର୍ଯ୍ୟୟ ପ୍ରଶମନ ପାଣ୍ଠି

2020-21 ଆର୍ଥିକ ବର୍ଷ ଶେଷରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (SDRMF) ର ଥିବା ବଳକା ଅର୍ଥ ବାବଦକୁ 2021-22 ଅତିରିକ୍ତ ବଜେଟ୍‌ରେ 1,682.40 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

## 6. ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତର

2021-22 ଅତିରିକ୍ତ ବଜେଟ୍‌ରେ, ଚତୁର୍ଥ/ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ ଅନୁଯାୟୀ ସ୍ଥାନୀୟ ନିକାୟ ସଂସ୍ଥାମାନଙ୍କୁ ସ୍ଥାନାନ୍ତର ବାବଦକୁ 5.96 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## 7. କାର୍ଯ୍ୟକ୍ରମ ବ୍ୟୟ ଓ ଅଗ୍ରାଧିକାର କ୍ଷେତ୍ର ପାଇଁ ବ୍ୟୟବରାଦ

### କ) କୃଷକ କଲ୍ୟାଣ ଓ ଖାଦ୍ୟ ନିରାପତ୍ତା :

କୃଷକ କଲ୍ୟାଣ, ଖାଦ୍ୟ ନିରାପତ୍ତା ଓ ଜଳସେଚନ ସୁବିଧା ପାଇଁ ମୋଟ 2147 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- COVID-19 ସହାୟତା ଓ ବିପିଏଲ ପରିବାର ମାନଙ୍କୁ ଚାଉଳ ଯୋଗାଣ ନିମନ୍ତେ, 1105.18 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି; ସୁଲଭ ମୂଲ୍ୟ ଦୋକାନ (Fair Price Shop) ଗୁଡିକର automation ପାଇଁ 11.37 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- କୃଷକ କଲ୍ୟାଣ କାର୍ଯକ୍ରମ 'କାଳିଆ' ନିମନ୍ତେ 27.85 କୋଟି ଟଙ୍କା ତଥା ଶସ୍ୟ ଉତ୍ପାଦନ ପରିଚାଳନା (Crop Production Management) ନିମନ୍ତେ 84.68 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- 2021-22 ଖରିଫ ଋତୁରେ, ଧାନ ଉତ୍ପାଦନ ହେଉଥିବା ଅଞ୍ଚଳରେ ଗ୍ରାମ ତଥା ପ୍ଲଟ ସ୍ତରୀୟ ଜମି ବିଶ୍ଳେଷଣ ପାଇଁ 18.32 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ବୀମା ପ୍ରିମିୟମ ଦେୟ ବାବଦକୁ 100 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି (SS of CSS) ।
- କୃଷକ ମାନଙ୍କ ପାଇଁ ସୁଧ subsidy/ subvention ନିମନ୍ତେ 280.23 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଦୁଗ୍ଧ ଚାଷୀ ମାନଙ୍କ ପ୍ରୋତ୍ସାହନ ନିମନ୍ତେ ଓମଫେଡ କୁ ସହାୟତା ରୂପରେ ପାଇଁ 11 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ମତ୍ସ୍ୟ ଚାଷ ର ସମନ୍ୱିତ ବିକାଶ ଓ ପରିଚାଳନା (PM Matsya Sampada Yojana) ପାଇଁ ₹20 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ସମବାୟ ବ୍ୟାଙ୍କ ଗୁଡିକୁ ଅଂଶଧନ ସହାୟତା ବାବଦରେ 150 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

### ଖ) ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ

ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ପାଇଁ ମୋଟ 584.92 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ମଧୁବାବୁ ପେନସନ ଯୋଜନା ଅଧୀନରେ 215.43 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- National Social Assistance Programme (NSAP) ଅଧୀନରେ ସମାଜର ଦୁର୍ବଳ ବର୍ଗର ମଙ୍ଗଳ ପାଇଁ 365.56 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଦିବ୍ୟାଙ୍ଗ ମାନଙ୍କର rehabilitation ନିମନ୍ତେ 3.94 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

**ଗ) ସ୍ୱାସ୍ଥ୍ୟ ସେବାର ସୁବିଧା**

ଜନସ୍ୱାସ୍ଥ୍ୟ ସେବା ପାଇଁ ମୋଟ 2,038.16 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ 498.51 କୋଟି ଟଙ୍କା ଓ KHUSHI- sanitary napkins ବିତରଣ ପାଇଁ 25.83 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ସ୍ୱାସ୍ଥ୍ୟ ଅନୁଷ୍ଠାନ ଯଥା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଭେଷଜ ମହାବିଦ୍ୟାଳୟ ଆଦିରେ ଭିତ୍ତିଭୂମି ବିକାଶ ନିମନ୍ତେ 176.26 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଜାତୀୟ ସ୍ୱାସ୍ଥ୍ୟ ମିଶନ (**NHM**) ଅଧୀନରେ ରାଜ୍ୟ ଅଂଶଧନ ବାବଦକୁ 907.83 କୋଟି ଟଙ୍କା ଓ ନୂତନ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା "ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା(PMASBY)" ଅଧୀନରେ ରାଜ୍ୟ ଅଂଶ ବାବଦକୁ 229.55 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

**ଘ) ମହିଳା ଓ ଶିଶୁମାନଙ୍କର ସଶକ୍ତିକରଣ**

ମହିଳା ସଶକ୍ତିକରଣ ଓ ଶିଶୁ ବିକାଶ ପାଇଁ ମୋଟ 253.07 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- "ମିଶନ ଶକ୍ତି" ଅଧୀନରେ ଥିବା କାର୍ଯ୍ୟକ୍ରମ ପାଇଁ 84.5 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ରାଜ୍ୟରେ କାର୍ଯ୍ୟକାରି ଥିବା ICDS ଯୋଜନା ଅଧୀନରେ ଅଙ୍ଗନବାଡି କର୍ମୀ ତଥା ସହାୟକ ମାନଙ୍କ ଭତ୍ତା ନିମନ୍ତେ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ଗ୍ୟାସ ସଂଯୋଗ ନିମନ୍ତେ 130.81 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବିଜୁ ଶିଶୁ ସୁରକ୍ଷା ଯୋଜନା 'ଆଶୀର୍ବାଦ' ଅଧୀନରେ , **COVID-19** ଯୋଗୁ ପିତା ମାତା ଙ୍କୁ ହରାଇଥିବା ଶିଶୁ ମାନଙ୍କ ଯତ୍ନ ଓ ସୁରକ୍ଷା ନିମନ୍ତେ 35 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

**ଙ) ଆଦିବାସୀ ଉନ୍ନୟନ**

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ପାଇଁ ମୋଟ 134.51 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅନୁସୂଚିତ ଜାତିଙ୍କ ବିକାଶ ଯୋଜନା ଅଧୀନରେ 90.16 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଶିକ୍ଷା ଯୋଜନା (Umbrella Scheme for Education of ST Students) ନିମନ୍ତେ 43.33 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

**ଚ) ଶିକ୍ଷା, କ୍ରୀଡ଼ା ଓ ଦକ୍ଷତା ବିକାଶ**

ଶିକ୍ଷା, କ୍ରୀଡ଼ା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ମୋଟ 1,311.17 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- Mo School ଅଭିଯାନ ପାଇଁ 887 କୋଟି ଟଙ୍କା ଓ ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ 64.59 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ 69.49 କୋଟି ଟଙ୍କା ଓ ମଧ୍ୟାହ୍ନ ଭୋଜନ ଯୋଜନା ପାଇଁ ରାଜ୍ୟ ସହାୟତା ବାବଦକୁ 37.00 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟକାରୀ ଯୁବ ବିକାଶ ଯୋଜନା (Youth Development Programme) ଅଧୀନରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଲାପଟପ ବିତରଣ ପାଇଁ 23.62 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବେସରକାରୀ ମହାବିଦ୍ୟାଳୟ ମାନଙ୍କ ପାଇଁ ଅନୁଦାନ ବବାଦକୁ 15 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- କ୍ରୀଡ଼ା ଭିତ୍ତିଭୂମିର ଉନ୍ନୟନ ଓ ପରିଚାଳନା ପାଇଁ 180 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

**ଛ) ଗ୍ରାମ୍ୟ ଉନ୍ନୟନ**

ଗ୍ରାମୀଣ ଗୃହ ନିର୍ମାଣ, କର୍ମ ନିଯୁକ୍ତି, ପାନୀୟ ଜଳ ଯୋଗାଣ ଓ ଗ୍ରାମ୍ୟ ଭିତ୍ତିଭୂମି ବିକାଶ ପାଇଁ ମୋଟ 3,911.81 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- PMAY ଗ୍ରାମୀଣ ଓ ବିଜୁ ପକ୍କା ଘର ଯୋଜନା ଦ୍ୱୟର ସଂଯୋଜନ ମାଧ୍ୟମରେ ଗ୍ରାମ୍ୟ ଗୃହ ନିର୍ମାଣ ପାଇଁ 2,564 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- MGNREGS ଯୋଜନା ଅଧୀନରେ material component ବାବଦକୁ 500 କୋଟି ଟଙ୍କା ଓ ଠିକ ସମୟରେ ମଜୁରି ପ୍ରଦାନ ପାଇଁ Revolving Fund କୁ 500 କୋଟି ଟଙ୍କା ଦେବା ପାଇଁ ବ୍ୟୟବରାଦ କରାଯାଇଛି ।
- ବିଜୁ ସେତୁ ଯୋଜନା ଅଧୀନରେ ଗ୍ରାମୀଣ ସଂଯୋଗୀକରଣ ପାଇଁ 300 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

**ଜ) ସହରାଞ୍ଚଳ ଉନ୍ନୟନ**

ସହାରାଞ୍ଚଳ ଉନ୍ନୟନ ପାଇଁ ମୋଟ 22.53 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- GARIMA ଯୋଜନା ଅଧୀନରେ ମୂଳ ସଫେଇ କର୍ମୀଙ୍କ ସୁରକ୍ଷା ଓ ସମ୍ମାନ ପାଇଁ 15.00 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ସହାରାଞ୍ଚଳ ସ୍ୱିରେଜ ଯୋଜନା ଅଧୀନରେ , ଦକ୍ଷତା ବିକାଶ, ସମ୍ପୂର୍ଣ ଯୋଜନା ବିବରଣ ପ୍ରସ୍ତୁତି (DPR) ଏବଂ ମୁଖ୍ୟ କାମ ଗୁଡିକ ପାଇଁ 5.53 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଓଡିଶା ଜଳ ଯୋଗାଣ ଏବଂ ସ୍ୱିରେଜ ବୋର୍ଡକୁ ଅନୁଦାନ ବାବଦକୁ 2 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

**୯) ଭିତ୍ତିଭୂମି,ଶକ୍ତି, ସୂଚନା ଓ ପ୍ରଯୁକ୍ତି, ଅନୁସନ୍ଧାନ ଓ ବିକାଶ**

ଭିତ୍ତିଭୂମି, ଶକ୍ତି, ସୂଚନା ଓ ପ୍ରଯୁକ୍ତି, ଅନୁସନ୍ଧାନ ଓ ବିକାଶ  କ୍ଷେତ୍ରଗୁଡିକ ପାଇଁ ଏକୀକୃତ ଭାବେ ମୋଟ 2,505.10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଜାତୀୟ ସଡକ ପାଣ୍ଠି ଅଧୀନରେ, ସଡକ ଓ ସେତୁ  ନିର୍ମାଣ ଏବଂ ଉନ୍ନୟନ ପାଇଁ  50 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ରାଜ୍ୟରେ କ୍ଷୁଦ୍ର ସେତୁ ଗୁଡିକରେ Check Dams/Bridge-cum-weirs ନିର୍ମାଣ ପାଇଁ  30 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- COVID-19 ମହାମାରୀରେ ବସ ଚଳାଚଳ ବାଧାପ୍ରାପ୍ତ ହେତୁ ଓଡିଶା ରାଜ୍ୟ ସଡକ ପରିବହନ ନିଗମ (OSRTC) ଆର୍ଥିକ କ୍ଷତି ସହିଥିଲା । ଏଥିପାଇଁ OSRTCକୁ ଆର୍ଥିକ ସହାୟତା ନିମନ୍ତେ 30 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- Electric Vehicle Policy କୁ କାର୍ଯ୍ୟକାରୀ କରିବା ପାଇଁ subsidy ବାବଦକୁ 5 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଏରୋଡ୍ରମ ନିର୍ମାଣ ପାଇଁ 40 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ହାତୀ Corridor ର ବିକାଶ ପାଇଁ  50 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- GRIDCOରେ ଅଂଶଧନ ବିନିଯୋଗ ବାବଦକୁ 2,039.69 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବିଜୁ ଗ୍ରାମ ଜ୍ୟୋତି ଯୋଜନା ଅଧିନରେ ଗ୍ରାମୀଣ ବିଦ୍ୟୁତିକରଣ ପାଇଁ 40 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ସୂଚନା ଓ ପ୍ରଯୁକ୍ତି ଭିତ୍ତିଭୂମି ବିକାଶ ପାଇଁ 40 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । (State Infrastructure for SDC)
- Integrated Minor Mineral Management System (i4MS) କାର୍ଯ୍ୟକ୍ରମ ନିମନ୍ତେ 14.73 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- e-Governance କାର୍ଯକ୍ରମ ପାଇଁ କେନ୍ଦ୍ରୀୟ ପ୍ରକଳ୍ପ ପରିଚାଳନା ସଂସ୍ଥା (Central PMU) କୁ ଅନୁଦାନ ବାବଦକୁ 17 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- Odisha Space Applications Centre କୁ ବୈଜ୍ଞାନିକ ଅନୁସନ୍ଧାନ ପାଇଁ ସହାୟତା ବାବଦରେ 7 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- Biotechnology କ୍ଷେତ୍ରର ବିକାଶ ପାଇଁ 13 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ପ୍ଲାନେଟୋରିୟମ ଓ ସଂଗ୍ରାହଳୟ ର ବିକାଶ ପାଇଁ 32.58 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- State Council of Science & Technology ତଥା Regional & District Science Centres ପାଇଁ 12.58 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

### ତ) ସଂସ୍କୃତି ଓ ପର୍ଯ୍ୟଟନର ବିକାଶ

ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ମୋଟ 114.93 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ପର୍ଯ୍ୟଟନର ପ୍ରଚାର ପ୍ରସାର  ତଥା ପର୍ଯ୍ୟଟକ ମାନଙ୍କ ସୂଚନା ପାଇଁ 41 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- କଳାମଣ୍ଡଳ ପ୍ରତିଷ୍ଠା ନିମନ୍ତେ 41.94 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ସଂସ୍କୃତି ନିର୍ଦ୍ଦେଶାଳୟ ନିମନ୍ତେ 24.69 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଆଦର୍ଶ ଐତିହ୍ୟ ଗ୍ରାମ ପ୍ରତିଷ୍ଠା ପାଇଁ 6 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## ୪. 2021-22 ବଜେଟ୍ ଅଟକଳ ଓ ଅତିରିକ୍ତ ବଜେଟ୍ ରେ ବିଭାଗୱାରୀ ନିଟ୍ ବ୍ୟୟ ବରାଦ

**(କୋଟି ଟଙ୍କା ହିସାବରେ)**

| ଦାବୀ ନଂ | ବିଭାଗ | 2021-22 (ବଜେଟ୍ ଅଟକଳ) | ଅତିରିକ୍ତ ବ୍ୟୟ ବରାଦ |
|---|---|---|---|
| (୧) | (୨) | (୩) | (୪) |
| 1. | ସ୍ୱରାଷ୍ଟ୍ର ବିଭାଗ | 5,848 | 551 |
| 2. | ସାଧାରଣ ପ୍ରସାଶନ ଓ ସାଧାରଣ ଅଭିଯୋଗ | 471 | 100 |
| 3. | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | 1,279 | 56 |
| 4. | ଆଇନ ବିଭାଗ | 491 | 36 |
| 5. | ଅର୍ଥ ବିଭାଗ | 53,846 | 2,519 |
| 6. | ବାଣିଜ୍ୟ ବିଭାଗ | 122 | 9 |
| 7. | ନିର୍ମାଣ ବିଭାଗ | 6,587 | 109 |
| 8. | ଓଡିଶା ବିଧାନ ସଭା | 123 | 1 |
| 9. | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | 1,098 | 1,141 |
| 10. | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | 18,280 | 1,605 |
| 11. | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | 3,606 | 197 |
| 12. | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | 9,164 | 2,310 |
| 13. | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | 5,803 | 39 |
| 14. | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | 199 | 22 |
| 15. | କ୍ରୀଡା ଓ ଯୁବସେବା ବିଭାଗ | 405 | 195 |
| 16. | ଯୋଜନା ଓ ସଂଯୋଜନ ବିଭାଗ | 1,468 | 4 |
| 17. | ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ | 19,800 | 3,624 |

**(କୋଟି ଟଙ୍କା ହିସାବରେ)**

| ଦାବୀ ନଂ | ବିଭାଗ | 2021-22 (ବଜେଟ୍ ଅଟକଳ) | ଅତିରିକ୍ତ ବ୍ୟୟ ବରାଦ |
|---|---|---|---|
| (୧) | (୨) | (୩) | (୪) |
| 18. | ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | 2 | 0 |
| 19. | ଶିଳ୍ପ ବିଭାଗ | 406 | 0 |
| 20. | ଜଳ ସମ୍ପଦ ବିଭାଗ | 8,267 | 405 |
| 21. | ପରିବହନ ବିଭାଗ | 840 | 116 |
| 22. | ଜଙ୍ଗଲ ଓ ପରିବେଶ ବିଭାଗ | 989 | 110 |
| 23. | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | 5,719 | 176 |
| 24. | ଇସ୍ପାତ ଓ ଖଣି ବିଭାଗ | 135 | 5 |
| 25. | ସୂଚନା ଓ ଲୋକ ସଂପର୍କ ବିଭାଗ | 107 | 84 |
| 26. | ଅବକାରୀ ବିଭାଗ | 129 | 12 |
| 27. | ବିଜ୍ଞାନ ଓ ବୈଷୟିକ ବିଭାଗ | 63 | 75 |
| 28. | ଗ୍ରାମ୍ୟ ଉନ୍ନୟନ ବିଭାଗ | 5,489 | 577 |
| 29. | ସଂସଦୀୟ ବ୍ୟାପାର ବିଭାଗ | 75 | 8 |
| 30. | ଶକ୍ତି ବିଭାଗ | 1,799 | 2,143 |
| 31. | ହସ୍ତତନ୍ତ, ବୟନଶିଳ୍ପ ଓ ବିଭାଗ | 163 | 6 |
| 32. | ପର୍ଯ୍ୟଟନ ବିଭାଗ | 500 | 42 |
| 33. | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | 1,415 | 80 |
| 34. | ସମବାୟ ବିଭାଗ | 1,641 | 553 |
| 35. | ସରକାରୀ ଉଦ୍ୟୋଗ ବିଭାଗ | 9 | 0 |
| 36. | ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ | 3,906 | 255 |
| 37. | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | 199 | 118 |
| 38. | ଉଚ୍ଚ ଶିକ୍ଷା ବିଭାଗ | 2,417 | 190 |
| 39. | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | 664 | 9 |
| 40. | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | 465 | 4 |
| 41. | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | 2,767 | 587 |
| 42. | ବିପର୍ଯ୍ୟୟ ପରିଚାଳନା | 3,110 | 1,684 |
| 43. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | 135 | 76 |
| **ସର୍ବ ମୋଟ** | | **1,70,000** | **19,833** |

***